# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**15 December – 2025**

********************************

## ମୁଖ୍ୟ ସମ୍ବାଦ

- ଉଦ୍ୟମ ପୋର୍ଟାଲରେ ୭ କୋଟିରୁ ଊର୍ଦ୍ଧ୍ୱ ଉଦ୍ୟୋଗ ପଞ୍ଜୀକୃତ ହେବା ସହ ୩୧ କୋଟି ଲୋକଙ୍କୁ ମିଳିଛି ନିଯୁକ୍ତି; ରାଜ୍ୟସଭାରେ କହିଲେ କେନ୍ଦ୍ରମନ୍ତ୍ରୀ ଜିତନରାମ ମାଞ୍ଝୀ
- ସରକାର ଚାଷୀମାନଙ୍କ ପାଇଁ ଇନପୁଟ୍ ସହାୟତା ବୃଦ୍ଧି ପରେ ୧୯ ଲକ୍ଷ ପରିବାର ଲାଭାନ୍ୱିତ ହୋଇଥିବା ସୂଚନା ଦେଲେ ମୁଖ୍ୟମନ୍ତ୍ରୀ
- ମାଲକାନଗିରି ଜିଲ୍ଲା ବିବାଦୀୟ ପରିସ୍ଥିତି ମାମଲାରେ ଗ୍ରାମବାସୀଙ୍କ ସହ ଜିଲ୍ଲା ପ୍ରଶାସନର ଆଲୋଚନା

ଏବଂ

- ପୁରୀ ଶ୍ରୀମନ୍ଦିରରେ ଧନୁସଂକ୍ରାନ୍ତି ଅବସରରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ମହାପ୍ରଭୁଙ୍କ ପହିଲି ଭୋଗ ନୀତି

GNR

# ଉଦ୍ୟମ ପୋର୍ଟାଲ

କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଜିତନରାମ ମାଞ୍ଝୀ କହିଛନ୍ତି, ଅଦ୍ୟାବଧି ଉଦ୍ୟମ ପୋର୍ଟାଲରେ ୭ କୋଟିରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ପଞ୍ଜୀକୃତ ହୋଇଛି । ଯାହା ଦେଶରେ ୩୧ କୋଟି ଲୋକଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରିପାରିଛି । ରାଜ୍ୟସଭାରେ ଆଜି ପ୍ରଶ୍ନକାଳରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ଶ୍ରୀ ମାଞ୍ଝୀ କହିଛନ୍ତି, ୨୦୨୦ ମସିହାରେ ଲୋକମାନଙ୍କ ପାଇଁ ଉଦ୍ୟୋଗ ପ୍ରତିଷ୍ଠାରେ ସହାୟକ ହେବା ପାଇଁ ଉଦ୍ୟମ ପୋର୍ଟାଲର ଶୁଭାରମ୍ଭ ହୋଇଥିଲା । ଗୃହକୁ ସୂଚନା ଦେଇ ଶ୍ରୀ ମାଞ୍ଝୀ କହିଛନ୍ତି, ପୋର୍ଟାଲ ମାଧ୍ୟମରେ ୧୦ ଲକ୍ଷ ଲୋକଙ୍କୁ ଅନୁଦାନ ଯୋଗାଇ ଦିଆଯାଇଛି ଏବଂ ୧ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ କ୍ଷୁଦ୍ର ଉଦ୍ୟୋଗ ସ୍ଥାପନା ପାଇଁ ଋଣ ପ୍ରଦାନ କରାଯାଇଛି । ଏହି ଅଭିଯାନ ମାଧ୍ୟମରେ ସରକାର ଦେଶର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନଙ୍କୁ ସହାୟତା ଯୋଗାଇ ଦେଉଛନ୍ତି । ୧୨ ଲକ୍ଷ କାରିଗର ବିଶ୍ୱକର୍ମା ଯୋଜନାରେ ଉପକୃତ ହୋଇଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି । ୨୦୨୮ ମସିହା ଶେଷ ସୁଦ୍ଧା ପ୍ରାୟ ୩୦ ଲକ୍ଷ କାରିଗରଙ୍କ ପରିବାରକୁ ସହାୟତା ଯୋଗାଇ ଦେବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ଗୃହକୁ ଶ୍ରୀ ମାଞ୍ଝୀ ସୂଚନା ଦେଇଛନ୍ତି ।

Desk

# ଇନପୁଟ୍ ସହାୟତା

ରାଜ୍ୟ ସରକାର ସମୃଦ୍ଧ କୃଷକ ଯୋଜନାରେ ଧାନ ପାଇଁ ଇନପୁଟ୍ ସହାୟତା ବୃଦ୍ଧି ପରେ ଏଥିରେ ୧୯ ଲକ୍ଷରୁ ଅଧିକ କୃଷକ ପରିବାର ସିଧାସଳଖ ଲାଭାନ୍ୱିତ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଲ୍ଲେଖ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି, ଚାଷୀମାନେ ୮୦୦ ଟଙ୍କା ଇନପୁଟ୍ ସହାୟତା ମିଶାଇ ବର୍ତ୍ତମାନ ଧାନ କୁଇଣ୍ଟାଲ ପିଛା ମୋଟ ୩୧ ଶହ ଟଙ୍କା ପାଉଛନ୍ତି। ଏହାବ୍ୟତୀତ ଧାନସଂଗ୍ରହ ହେବାର ୪୮ ଘଣ୍ଟା ମଧ୍ୟରେ ପ୍ରତ୍ୟକ୍ଷ ହସ୍ତାନ୍ତର ସୁବିଧା ମାଧ୍ୟମରେ ଚାଷୀମାନଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି। ବିହନଠାରୁ ଆରମ୍ଭ କରି ବଜାର ପର୍ଯ୍ୟନ୍ତ ସରକାର ଚାଷୀଙ୍କୁ ସହାୟତା ଯୋଗାଇ ଦେଉଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି।

BBSR/R

## ଷ୍ଟାଇପେଣ୍ଟ ବୃଦ୍ଧି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ବିଭିନ୍ନ ସରକାରୀ ଆୟୁର୍ବେଦିକ ଓ ହୋମିଓପ୍ୟାଥିକ କଲେଜର ସ୍ନାତକୋତ୍ତର (ପିଜି) ଛାତ୍ରଛାତ୍ରୀଙ୍କ ପାଇଁ ମିଳୁଥିବା ବୃତ୍ତି ଭତ୍ତା ବା ଷ୍ଟାଇପେଣ୍ଡକୁ ବୃଦ୍ଧି କରିଛନ୍ତି। ଏହାଦ୍ୱାରା ୧୨୦ ଜଣ ଛାତ୍ରଛାତ୍ରୀ ଉପକୃତ ହେବେ। ଏହି ନୂତନ ଷ୍ଟାଇପେଣ୍ଡ୍ ବ୍ୟବସ୍ଥା ଆସନ୍ତା ମାସ ପହିଲାରୁ ଲାଗୁ ହେବ। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, ପିଜି ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ପାଇଁ ଷ୍ଟାଇଫେଣ୍ଡ୍‌ରେ ୫୫ ପ୍ରତିଶତ ବୃଦ୍ଧି କରାଯିବା ପରେ ବର୍ତ୍ତମାନ ଏହା ୩୧ ହଜାରରୁ ୪୮ ହଜାର ଟଙ୍କା ହୋଇଛି। ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ୍ ୬୨ ପ୍ରତିଶ୍ରତ ବୃଦ୍ଧି ହେବା ପରେ ୩୨ ହଜାରରୁ ୫୨ ହଜାର ଟଙ୍କା ହୋଇଛି।

ତୃତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ ୬୭ ପ୍ରତିଶତ ବୃଦ୍ଧି ହୋଇ ଏହା ୩୩ ହଜାରରୁ ୫୫ ହଜାର ଟଙ୍କା ହୋଇଛି। ସେହିଭଳି ହାଉସ୍ ସର୍ଜନମାନଙ୍କ ଷ୍ଟାଇପେଣ୍ଡ୍ ୧୭ ହଜାରରୁ ୩୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି।

BBSR/R

## ଗ୍ଲୋବାଲ ଭିସା ଆପ୍ଲିକେଶନ ସେଣ୍ଟର

ରାଜ୍ୟ ସରକାର ଭୁବନେଶ୍ୱରରେ ଗ୍ଲୋବାଲ ଭିସା ଆପ୍ଲିକେସନ ସେଣ୍ଟର ବା ବୈଶ୍ୱିକ ଭିସା ଆବେଦନ କେନ୍ଦ୍ର ପ୍ରତିଷ୍ଠା ପାଇଁ ଅନୁମୋଦନ ଦେଇଛନ୍ତି। ଏହି ପ୍ରସ୍ତାବିତ ଭିସା କେନ୍ଦ୍ର ଭୁବନେଶ୍ୱର ବରମୁଣ୍ଡାସ୍ଥିତ ବାବା ସାହେବ ଆମ୍ବେଦକର ବସ୍ ଟର୍ମିନାଲ କୋଠାରେ କାର୍ଯ୍ୟକ୍ଷମ ହେବ। ସୂଚନା ଅନୁସାରେ ପୂର୍ବରୁ ଆନ୍ତର୍ଜାତିକ ଭିସା ପାଇବା ପାଇଁ ରାଜ୍ୟବାସୀଙ୍କୁ କୋଲକାତା, ଦିଲ୍ଲୀ, ହାଇଦ୍ରାବାଦ ଭଳି ଅନ୍ୟ ସହର ଯିବାକୁ ପଡୁଥିଲା। ଭୁବନେଶ୍ୱରରେ ଭିସା କେନ୍ଦ୍ର ପ୍ରତିଷ୍ଠା ପାଇଁ ବହୁ ଦିନରୁ ଦାବି ହୋଇଆସୁଥିଲା। ଏହି ସବୁକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି।

Desk

# ଫାର୍ମା ସମ୍ମିଳନୀ

ଔଷଧ ଏବଂ ଚିକିତ୍ସା ଉପକରଣ ନିର୍ମାତା, ଷ୍ଟାର୍ଟଅପ୍ ଉଦ୍‌ଭାବକ ଏବଂ ଅଂଶୀଦାରମାନଙ୍କୁ ନେଇ ଆସନ୍ତାକାଲି ଭୁବନେଶ୍ୱରରେ  ଓଡ଼ିଶା ଫାର୍ମା ସମ୍ମିଳନୀ ୨୦୨୫ ଅନୁଷ୍ଠିତ ହେବ। ସୂଚନା ଅନୁଯାୟୀ, ସମ୍ମିଳନୀରେ ଓଡ଼ିଶା ଔଷଧ ଏବଂ ଚିକିତ୍ସା ଉପକରଣ ନୀତି ୨୦୨୫

ଉନ୍ମୋଚନ ହେବାର କାର୍ଯ୍ୟସୂଚୀ ରହିଛି । ଫାର୍ମା କ୍ଷେତ୍ରରେ ନିବେଶ ବୃଦ୍ଧି, ବ୍ୟବସାୟ କରିବାର ସହଜତା ଏବଂ ଜୀବବିଜ୍ଞାନ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ନେଇ ସମ୍ମିଳନୀରେ ଆଲୋଚନା ହେବ ।

Malkangiri

## ମାଲକାନଗିରି ବିବାଦ

ମାଲକାନଗିରି ଜିଲ୍ଲାର ରାଖାଲଗୁଡ଼ା ଓ ଏମ୍.ଭି-୨୬ ଗ୍ରାମରେ ବିବାଦ ନେଇ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଓ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ପ୍ରଭାବିତ ଅଞ୍ଚଳ ଗସ୍ତ କରିବା ସହ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ଯେକୌଣସି ପ୍ରକାର ଆଇନଶୃଙ୍ଖଳା ସମ୍ପର୍କିତ ବିଷୟକୁ ସିଧାସଳଖ ପୁଲିସ ପ୍ରଶାସନକୁ ଅବଗତ କରାଇବା ପାଇଁ ଆରକ୍ଷୀ ଅଧୀକ୍ଷକ ପରାମର୍ଶ ଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ମିଥ୍ୟା ଖବର କିମ୍ବା ଗୁଜବ ପ୍ରଚାରକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ପାଟଲି ଚେତାବନୀ ଦେଇଛନ୍ତି। ଜିଲ୍ଲାପାଳ ଗ୍ରାମବାସୀଙ୍କର ମୌଳିକ ସମସ୍ୟାଗୁଡ଼ିକୁ ଶୁଣିବା ସହ ଆଦିବାସୀଙ୍କ ଘରଢିହ ପଟ୍ଟା ଶୀଘ୍ର ପ୍ରଦାନ କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ଗତ ସୋମବାର ସନ୍ଧ୍ୟାରୁ ଜାରି ହୋଇଥିବା ଇଣ୍ଟରନେଟ୍ କଟକଣା ଆଜି ମଧ୍ୟାହ୍ନରେ ସ୍ୱାଭାବିକ ହୋଇଛି।

ଇତିମଧ୍ୟରେ ପୁଲିସ ଏହି ମାମଲାରେ ୧୮ ଜଣଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି। ବିବାଦୀୟ ଅଞ୍ଚଳରେ ବ୍ୟାପକ ସୁରକ୍ଷାକର୍ମୀ ମୁତୟନ କରାଯାଇଛି।

HS

# ମେଘନାଦ ପାଚେରୀ ମରାମତି

ପୁରୀ ଶ୍ରୀମନ୍ଦିର ମେଘନାଦ ପାଚେରୀ ସମସ୍ୟା ନେଇ ଆସନ୍ତାକାଲି ବୈଠକ ଅନୁଷ୍ଠିତ ହେବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ମନ୍ତ୍ରୀ କହିଛନ୍ତି, ପାଚେରୀ ସଂରକ୍ଷଣ ଓ ମରାମତି ନେଇ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯିବ। ମେଘନାଦ ପାଚେରୀରେ ପଡ଼ିଥିବା ଫାଟକୁ ଅନୁଧ୍ୟାନ କରାଯାଇ ପୂର୍ବରୁ ମରାମତି କରାଯାଇଥିଲା। ପୁଣିଥରେ ନିରୀକ୍ଷଣ କରିବା ପରେ ତାହା ପୂରଣ କରିବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି ବୋଲି ସେ କହିଛନ୍ତି। ପାଚେରୀରେ ସଂରକ୍ଷଣ କାମ କରାଯିବ। ସେଥିରେ ପଥର ବଦଳ କରାଯାଇପାରିବ ନାହିଁ। ଏ ନେଇ ଏ.ଏସ୍.ଆଇ.କୁ ଚିଠି ଲେଖା ଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

**- V/O –**

Kalahandi

# ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ

ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାୟକ ଆଜି କଳାହାଣ୍ଡି ଗସ୍ତରେ ଯାଇ କୋକସରାଠାରେ ଏକ ଜନସମାବେଶକୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଧର୍ମଗଡ଼, କୋକସରା, କଲମପୁର, ଜୟପାଟଣା ଏବଂ ଜୁନାଗଡ଼ ବ୍ଲକ ନିମନ୍ତେ ୩୨ କୋଟି ୯୨ ଲକ୍ଷ ଟଙ୍କା ମୂଲ୍ୟର ୧୭୨ଗୋଟି ପ୍ରକଳ୍ପର ଲୋକାର୍ପଣ

କରିଛନ୍ତି। ଏତଦ୍‌ବ୍ୟତୀତ ଶ୍ରୀ ନାୟକ ୨୪୭ କୋଟି ୪୫ ଲକ୍ଷ ଟଙ୍କାର ୨୬୯ଟି ନୂତନ ପ୍ରକଳ୍ପର ମଧ୍ଯ ଶିଳାନ୍ୟାସ କରିଛନ୍ତି। କାର୍ଯ୍ୟକ୍ରମରେ ମନ୍ତ୍ରୀ ରାଜ୍ୟ ସରକାରଙ୍କର ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ।

Puri

## ଶ୍ରୀମନ୍ଦିର- ପହିଲି ଭୋଗ ନୀତି

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ପବିତ୍ର ଧନୁ ସଂକ୍ରାନ୍ତି ଅବସରରେ ମହାପ୍ରଭୁଙ୍କ ପହିଲିଭୋଗ ନୀତି ଆରମ୍ଭ ହେବ। ପହିଲି ଭୋଗରେ ମହାପ୍ରଭୁଙ୍କୁ ବିରି, ଗହମ ଚୁନା, ଘୃତ ପାଗ ହୋଇଥିବା ପିଠା ଓ ଧନୁମୁଆଁ ଲାଗି କରାଯାଇଥାଏ। ଗୋପାଳ ବଲ୍ଲଭ ନୀତିରେ ପହିଲିଭୋଗ ମହାପ୍ରଭୁଙ୍କ ନିକଟରେ ସମର୍ପଣ କରାଯାଇଥାଏ। ଶ୍ରୀମନ୍ଦିର ପ୍ରଶାସନର ନୀତି ନିର୍ଘଣ୍ଟ ଅନୁଯାୟୀ ପହିଲି ଭୋଗ ନିମନ୍ତେ ରାତି ୨ଟାରେ ଦ୍ୱାରଫିଟା ନୀତି ପରେ ମଙ୍ଗଳ ଆଳତି, ମଇଲମ, ଅବକାଶ ନୀତି, ବେଶ ଶେଷ ହେବାପରେ ପହିଲିଭୋଗ ନୀତି ଆରମ୍ଭ ହେବ।

Gajapati

## ଧାନ ଗବେଷଣା

ଗଜପତି ଜିଲ୍ଲା ରାୟଗଡ଼ ବ୍ଲକର ସୁନାପୁରଠାରେ ସୂତ୍ରକୃର୍ମୀ ପୋକ ନିୟନ୍ତ୍ରଣ ପାଇଁ କଟକ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଟକସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ ଫସଲ ସୁରକ୍ଷା ବିଭାଗ ବୈଜ୍ଞାନିକ ଡାକ୍ତର ରୂପକ ଜେନା ଅଧ୍ୟକ୍ଷତା କରିଥିଲେ। ଉପସ୍ଥିତ

ଚାଷୀମାନଙ୍କୁ ଜୈବିକ ପଦ୍ଧତିରେ ଧାନଚାଷ କରିବା ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା ।

Nayagarh

## ରୌପ୍ୟ ଜୟନ୍ତୀ

ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ କାଚପଲ୍ଲୀ ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ି ଯୋଗଦେଇଥିବା ବେଳେ ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ । ବିଦ୍ୟାର ଲକ୍ଷ୍ୟ ସମାଜର ବିକାଶ, ମାନବତାର କଲ୍ୟାଣ ଏବଂ ବିଶ୍ୱର ହିତସାଧନ ନିମନ୍ତେ ଉଦ୍ଦିଷ୍ଟ ବୋଲି ବାଚସ୍ପତି ଅଭିଭାଷଣ ରଖିବା ସହ ବିଦ୍ୟାର୍ଥୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି ଅବସରରେ କୃତୀ ଛାତ୍ରଛାତ୍ରୀ ଏବଂ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା ।

Nabarangpur

## କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନା ଦିବସ

ନବରଙ୍ଗପୁର କେନ୍ଦ୍ରୀୟ ବିଦ୍ୟାଳୟର ୬୩ତମ ପ୍ରତିଷ୍ଠା ଦିବସ ଆଜି ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଧାୟକ ଗୌରୀଶଙ୍କର ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରାଚୀନ ଭାରତୀୟ ଶିକ୍ଷା ବ୍ୟବସ୍ଥା ଓ ଜାତୀୟ ଶିକ୍ଷାନୀତି ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

Boudh

# ବିଜ୍ଞାନମେଳା

ବୌଦ୍ଧ ଜିଲ୍ଲା ସରସରାସ୍ଥିତ ପିଏମ୍ଶ୍ରୀ ବାବା ବାଦ୍ୟନାଥ ସରକାରୀ ନୋଡାଲ ଉଚ୍ଚବିଦ୍ୟାଳୟଠାରେ ଜିଲ୍ଲାସ୍ତରୀୟ ବିଜ୍ଞାନମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ ।  ଆତ୍ମନିର୍ଭର ଭାରତ ଏବଂ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଉପରେ ପର୍ଯ୍ୟବେସିତ ବିଜ୍ଞାନମେଳାରେ ଅତିଥିମାନେ ସଫଳତା ପାଇବାକୁ ହେଲେ ନିଜେ ରାସ୍ତା ଖୋଜି ବାହାରି କରିବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ ।

BHK/R.gada/G.pati/Buodh/K.Para/HS/D.garh/N.ngpur/N.garh/Rayagada/

# ଜନଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।

ଭୁବନେଶ୍ୱର ମହାନଗର ନିଗମ– ବି.ଏମ୍.ସି, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ– ବି.ଡି.ଏ. ଓ ସ୍ମାର୍ଟସିଟିର ମିଳିତ ଜନଶୁଣାଣି ଶିବିର ବି.ଏମ୍.ସି. ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ କମିଶନର ଲୋକମାନଙ୍କର ଅଭିଯୋଗ ଶୁଣିବା ସହ ସମସ୍ୟାର ତ୍ୱରିତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

କେନ୍ଦ୍ରାପଡ଼ା, ଭଦ୍ରକ, ନୟାଗଡ, ନବରଙ୍ଗପୁର, ଦେବଗଡ଼, ବୌଦ୍ଧ, ଗଜପତି ଏବଂ ରାୟଗଡ଼ା ଜିଲ୍ଲାରେ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି ।

BHK

## ସାଂସଦ ଖେଳ ମହୋତ୍ସବ

ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ଆଦାମ୍‌ପୁର ମିନି ଷ୍ଟାଡିୟମ୍‌ରେ ଆଜି ସାଂସଦ ଖେଳ ମହୋତ୍ସବ ଅନୁଷ୍ଠିତ ହୋଇଛି । ପ୍ରତିଯୋଗିତାରେ ୧୭ରୁ କମ୍ ବୟସର ଖେଳାଳି ଭାଗ ନେଇଛନ୍ତି ।